**ପଞ୍ଚାୟତ ସମିତି କାର୍ଯ୍ୟାଳୟ**
**ପୁରୀ ସଦର, ପୁରୀ**

**OFFICE OF THE PANCHAYAT SAMITI**
**PURI SADAR,PURI**

ୱାଟର ୱାର୍କ ରୋଡ, ପୁରୀ
୭୫୨୦୦୨
Water Works Road,Puri
752002
ori-bpuri@nic.in
ori.bpuri@gmail.com


ବିଜ୍ଞାପନ ସଂଖ୍ୟା: XXII/2/2026/୨୯୬୬/ ତା: ୨୦/୦୫/୨୦୨୬

## <u>ସଂଶୋଧନ ବିଜ୍ଞାପନ</u>

ଏତଦ୍ ଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପୁରୀ ସଦର ବ୍ଲକର ପଞ୍ଚାୟତ ସ୍ତରରେ ଯୋଜନା ଗୁଡିକର ସାମାଜିକ ସମୀକ୍ଷା ନିମନ୍ତେ ୭ ( ମହିଳା ) ଗ୍ରାମ୍ୟ ସମ୍ବଳ ବ୍ୟକ୍ତି (VRP) ପଦବୀ ପାଇଁ ଅତ୍ର କାର୍ଯ୍ୟାଳୟ ର **ବିଜ୍ଞାପନ ସଂଖ୍ୟା: XXII/2/2026/୧୮୭୯ ତା:୩୦.୦୪.୨୦୨୬** ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଇଥିଲା, ଯାହାକି ପୁରୀ ଜିଲ୍ଲା ୱେବସାଇଟ https://puri.odisha.gov.in/en ରେ ତା: ୦୧.୦୫.୨୦୨୬ ରୁ ପ୍ରକାଶିତ କରାଯାଇଥିଲା| ଏଥି ସହିତ ପୁରୀ ସଦର ପଞ୍ଚାୟତ ସମିତି ର ନୋଟିସ ବୋର୍ଡ ରେ ମଧ୍ୟ ପ୍ରକାଶିତ କରାଯାଇଥିଲା|

ଇତିମଧ୍ୟରେ, ନିର୍ଦ୍ଦେଶକ ,OSSAAT ତାଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା OSSAT-10/2017-225/OS Dt. 19.05.2026 ମାଧ୍ୟମରେ ଗ୍ରାମ୍ୟ ସମ୍ବଳ ବ୍ୟକ୍ତି (VRP) ମାନଙ୍କ ଚୟନ ଏବଂ ନିଯୁକ୍ତି ସମ୍ବନ୍ଧରେ ସ୍ପଷ୍ଟିକରଣ ଜାରି କରିଛନ୍ତି |

ତେଣୁ ଉକ୍ତ ସ୍ପଷ୍ଟିକରଣ କୁ କାର୍ଯ୍ୟକାରୀ କରିବା ନିମନ୍ତେ **ଅତ୍ର କାର୍ଯ୍ୟାଳୟ ବିଜ୍ଞାପନ ସଂଖ୍ୟା: XXII/2/2026/୧୮୭୯ ତା:୩୦.୦୪.୨୦୨୬ କୁ ନିମ୍ନ ଭାବରେ ସଂଶୋଧନ କରାଗଲା:**

୧| ଏତଦ୍ ଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପୁରୀ ସଦର ବ୍ଲକର ପଞ୍ଚାୟତ ସ୍ତରରେ ଯୋଜନା ଗୁଡିକର ସାମାଜିକ ସମୀକ୍ଷା ନିମନ୍ତେ **ଆବେଦନ ଗ୍ରହଣ କରିବାର ଶେଷ ତାରିଖ କୁ ସଂଶୋଧନ କରାଯାଇ, "ତା: ୦୪.୦୬.୨୦୨୬ (ଗୁରୁବାର) ସନ୍ଧ୍ୟା ୫ଘଟିକା ସୁଦ୍ଧା"** କୁ ତାରିଖ ବୃଦ୍ଧି କରାଗଲା|

୨| ଯୋଗ୍ୟତା ମାନଦଣ୍ଡ ର ପରିଚ୍ଛେଦ ୦୧ ରେ ଉଲ୍ଲିଖିତ **ବାସସ୍ଥାନ ମାନଦଣ୍ଡ କୁ ସଂଶୋଧନ କରି, "ଇଚ୍ଛୁକ ଆବେଦନକାରୀ ପୁରୀ ସଦର ପଞ୍ଚାୟତ ସମିତି ର ଅଞ୍ଚଳ ର ସ୍ଥାୟୀ ବାସିନ୍ଦା ହୋଇଥିବେ" କରାଗଲା।**

୩| ଅତ୍ର କାର୍ଯ୍ୟାଳୟ ମୂଳ ବିଜ୍ଞାପନ ସଂଖ୍ୟା: XXII/2/2026/୧୮୭୯ ତା:୩୦.୦୪.୨୦୨୬ ରେ ଯୋଗ୍ୟତା ମାନଦଣ୍ଡ ର ପରିଚ୍ଛେଦ ୦୨ ରେ ଉଲ୍ଲିଖିତ **ବୟସ ମାନଦଣ୍ଡ ର cutoff ତାରିଖ ତା: ୩୦.୦୪.୨୦୨୬ ଭାବରେ ଅପରିବର୍ତ୍ତିତ** ରଖାଗଲା|

୪| ଉପରୋକ୍ତ ସଂଶୋଧନ କୁ ଛାଡି, **ମୂଳ ବିଜ୍ଞାପନ ସଂଖ୍ୟା: XXII/2/2026/୧୮୭୯ ତା:୩୦.୦୪.୨୦୨୬ ର ଅନ୍ୟ ସମସ୍ତ ନିବନ୍ଧନ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ** ରଖାଗଲା|

୫| ତଦନୁସାରେ, ପୁରୀ ସଦର ବ୍ଲକର ପଞ୍ଚାୟତ ସ୍ତରରେ ଯୋଜନା ଗୁଡିକର ସାମାଜିକ ସମୀକ୍ଷା ନିମନ୍ତେ **ଖାଲି ଥିବା ୭ ( ମହିଳା ) ଟି ଗ୍ରାମ୍ୟ ସମ୍ବଳ ବ୍ୟକ୍ତି (VRP)** ପଦବୀ ନିମନ୍ତେ **ରେଜିଷ୍ଟ୍ରି / ସ୍ପିଡ୍ ପୋଷ୍ଟ ମାଧ୍ୟମରେ ତା ୦୪.୦୬.୨୦୨୬ (ଗୁରୁବାର) ସନ୍ଧ୍ୟା ୫ଘଟିକା ସୁଦ୍ଧା ଦରଖାସ୍ତ ଆହ୍ବାନ** କରାଗଲା|

୬| ଯେଉଁ ପ୍ରାର୍ଥୀମାନେ ମୂଳ ବିଜ୍ଞାପନ ସଂଖ୍ୟା: XXII/2/2026/୧୮୭୯ ତା:୩୦.୦୪.୨୦୨୬ ଆଧାରରେ **ଆବେଦନ କରିସାରିଛନ୍ତି ସେମାନଙ୍କୁ ପୁନର୍ବାର ଆବେଦନ କରିବାର ଆବଶ୍ୟକତା ନାହିଁ ମାତ୍ର ଯଦି ସଂଶୋଧିତ ବିଜ୍ଞାପନ ଅନୁଯାୟୀ ସେ ନିଜ ଆବେଦନ ପତ୍ର ଟିରେ ସଂଯୋଗ/ସଂଶୋଧନ କରିବାକୁ ଚାହାନ୍ତି, ତେବେ ସେମାନେ ସମ୍ପୂର୍ଣ୍ଣ ନୂତନ ଆବେଦନ କରିବେ ଏବଂ ସେ କ୍ଷେତ୍ର ରେ ତାଙ୍କର ସଦ୍ୟତମ ଆବେଦନ ଟିକୁ ପରବର୍ତ୍ତୀ ଚୟନ ପ୍ରକ୍ରିୟା ପାଇଁ ବିଚାର କରାଯିବ|**

୨୦/୦୫/୨୦୨୬

**ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୁରୀ ସଦର**

**ପୃଷ୍ଠା-୨/୪....**

**ଜ୍ଞାପକ ସଂଖ୍ୟା - XXII/2/2026/** ୨୯୦୭ **ତାରିଖ -** ୨୦/୦୪/୨୦୨୬

ଏହାର ଏକକିତା ନକଲ ଜନସାଧାରଣ ଙ୍କ ଅବଗତି ନିମନ୍ତେ ପଞ୍ଚାୟତ ସମିତି, ପୁରୀ ସଦରର ବିଜ୍ଞାପନ ଫଳକ ରେ ପ୍ରକାଶନ ନିମନ୍ତେ ବିଭାଗୀୟ ଅଧିକାରୀ, ପଞ୍ଚାୟତ ସମିତି ପୁରୀ ସଦରଙ୍କୁ ପ୍ରେରଣ କରାଗଲା ।

**ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୁରୀ ସଦର**

**ଜ୍ଞାପକ ସଂଖ୍ୟା - XXII/2/2026/** ୨୯୦୮ **ତାରିଖ -** ୨୦/୦୪/୨୦୨୬

ଏହାର ଏକକିତା ନକଲ ସ୍ୱୟଂ ସହାୟକ ଗୋଷ୍ଠିର ସଦସ୍ୟା (SHG MEMBER) ମାନଙ୍କ ବ୍ୟାପକ ଅବଗତି ନିମନ୍ତେ ଗୋଷ୍ଠୀ ପ୍ରକଳ୍ପ ପରିଚାଳିକା, ଓଡ଼ିଶା ଜୀବିକା ମିଶନ, ପୁରୀ ସଦର ଏବଂ ଶିଶୁବିକାଶ ପ୍ରକଳ୍ପ ଅଧିକାରିଣୀ, ପୁରୀ ସଦର ଙ୍କୁ ପ୍ରେରଣ କରାଗଲା ।

**ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୁରୀ ସଦର**

**ଜ୍ଞାପକ ସଂଖ୍ୟା - XXII/2/2026/** ୨୯୦୯ **ତାରିଖ -** ୨୦/୦୪/୨୦୨୬

ଏହାର ଏକକିତା ନକଲ ସମସ୍ତ ଗ୍ରା.ପ.ର ସରପଞ୍ଚ ତଥା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ଉକ୍ତ ବିଜ୍ଞାପନକୁ ବହୁଳ ଭାବରେ ପ୍ରଚାର ନିମନ୍ତେ ଅନୁରୋଧ କରାଗଲା ।

**ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୁରୀ ସଦର**

**ଜ୍ଞାପକ ସଂଖ୍ୟା - XXII/2/2026/** ୨୯୧୦ **ତାରିଖ -** ୨୦/୦୪/୨୦୨୬

ଏହି ନୋଟିସଟିର ବହୁଳ ପ୍ରଚାର ପ୍ରସାର ନିମନ୍ତେ ପୁରୀ ଜିଲ୍ଲା ୱେବସାଇଟ୍‌ରେ Web-Hosting କରିବାକୁ DIO, NIC ପୁରୀ/DeGM ଙ୍କୁ ପ୍ରେରଣ କରାଗଲା ।

**ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୁରୀ ସଦର**

**ଜ୍ଞାପକ ସଂଖ୍ୟା - XXII/2/2026/୨୧୬୧ତାରିଖ - ୨୦/୦୪/୨୦୨୬**

ଏହାର ଏକକିତା ନକଲ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ପୁରୀଙ୍କୁ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

**ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୁରୀ ସଦର**

**ଜ୍ଞାପକ ସଂଖ୍ୟା – XXII/2/2026/୨୧୬୨ ତାରିଖ - ୨୦/୦୪/୨୦୨୬**

ଏହାର ଏକକିତା ନକଲ ମୁଖ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ପୁରୀ ତଥା ଜିଲ୍ଲାପାଳ, ପୁରୀଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

**ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୁରୀ ସଦର**

***ଜ୍ଞାପକ ସଂଖ୍ୟା - XXII/2/2026/ ୨୧୬୩ ତାରିଖ - ୨୦/୦୪/୨୦୨୬***

*ଏହାର ଏକକିତା ନକଲ ନିର୍ଦ୍ଦେଶକ,OSSAAT, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର ଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।*

**ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୁରୀ ସଦର**

***********************************

# ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପୁରୀ ସଦର

ବିଜ୍ଞାପିତ ସଂଖ୍ୟା- XXII/2/2026/୧୮୬୫ ତାରିଖ: ୩୦/୦୪/୨୦୨୬

## ବିଜ୍ଞାପନ

ଏତଦ୍ ଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପୁରୀ ସଦର ବ୍ଲକର ପଞ୍ଚାୟତ ସ୍ତରରେ ଯୋଜନା ଗୁଡିକର ସାମାଜିକ ସମୀକ୍ଷା ନିମନ୍ତେ ନିମ୍ନ ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

| ଖାଲିଥିବା ପଦବୀର ନାମ | ଖାଲିଥିବା ପଦବୀ ସଂଖ୍ୟା | ଆବେଦନ ଗ୍ରହଣ କରିବାର ଆରମ୍ଭ ତାରିଖ | ଆବେଦନ ଗ୍ରହଣ କରିବାର ଶେଷ ତାରିଖ | ଆବେଦନ ଗ୍ରହଣ ମାଧ୍ୟମ |
|---|---|---|---|---|
| ଗ୍ରାମ୍ୟ ସମ୍ବଳ ବ୍ୟକ୍ତି (VRP) | ୭ (ମହିଳା)<br>ସମଙ୍ଗରା, ରାୟଗରଡ଼ା, ଗୋପୀନାଥ ପୁର, ଚନ୍ଦନପୁର, ବୀରପ୍ରତାପପୁର, ବୀରହରେକୃଷ୍ଣପୁର, ଗଡ଼ମୃଗଶିରା, ଗ୍ରାମ ପଞ୍ଚାୟତର ଜଣେ ଲେଖାଏଁ | ୦୧.୦୫.୨୦୨୬ | ୧୫.୦୫.୨୦୨୬<br>ସଂନ୍ଧ୍ୟା ୫ଘଟିକା ସୁଦ୍ଧା | ରେଜିଷ୍ଟ୍ରି / ସ୍ପିଡ୍ ପୋଷ୍ଟ |

**ଯୋଗ୍ୟତା ମାନଦଣ୍ଡ**

୦୧) ବାସସ୍ଥାନ: ଇଚ୍ଛୁକ ଆବେଦନକାରୀ ସଂପୃକ୍ତ ଗ୍ରାମ ପଞ୍ଚାୟତର ସ୍ଥାୟୀ ବାସିନ୍ଦା ହୋଇଥିବେ ।

୦୨) ବୟସ: ତା ୩୦.୦୪.୨୦୨୬ରିଖ ସୁଦ୍ଧା ଆବେଦନକାରୀଙ୍କ ବୟସ ୧୮ରୁ ୪୦ବର୍ଷ ମଧ୍ୟରେ ହୋଇଥିବ ।

୦୩) ଶିକ୍ଷାଗତ ଯୋଗ୍ୟତା: ଆବେଦନକାରୀଙ୍କର ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଅଷ୍ଟମ ପାସ ଅଟେ ଏବଂ ଅଧିକ ଶିକ୍ଷାଗତ ଯୋଗ୍ୟତା ଥିବା ଆବେଦନକାରୀଙ୍କୁ ଅଗ୍ରାଧିକାର ଦିଆଯିବ ।

୦୪) ଅଭିଜ୍ଞତା: ଆବେଦନକାରୀ ଅନ୍ୟୁନ ୩ବର୍ଷ ଯେକୌଣସି ସ୍ୱୟଂ ସହାୟକ ଗୋଷ୍ଠିରେ ସକ୍ରିୟ ସଦସ୍ୟା ଭାବେ କାର୍ଯ୍ୟ କରିଥିବେ ।

୦୫) ଆବେଦନକାରୀ ଓଡ଼ିଆ ଭାଷା ଭଲଭାବରେ ପଢ଼ି, ଲେଖି ଓ କହିପାରୁଥିବେ ।

୦୬) ଆବେଦନକାରୀ କୌଣସି ସରକାରୀ / ବେସରକାରୀ ଅନୁଷ୍ଠାନରେ କାର୍ଯ୍ୟରତ ନଥିବେ ଏବଂ SHG / CLF /GPLF / BLF ଇତ୍ୟାଦିରେ ସକ୍ରିୟ ଅଫିସ୍ ବିୟରର୍ /ବୁକ୍ କିପର୍ ଭାବରେ କାର୍ଯ୍ୟକରୁ ନଥିବେ ।

୦୭) ମନରେଗା କାର୍ଯ୍ୟ ସମ୍ପର୍କରେ ଅଭିଜ୍ଞତା ଥିବା / ଜବକାର୍ଡଧାରୀ ପରିବାରର ଆବେଦନକାରୀଙ୍କୁ ଅଗ୍ରାଧିକାର ଭିତ୍ତିରେ ଚୟନ କରାଯିବ ।

୦୮) ଭିନ୍ନକ୍ଷମ/ଅନୁସୂଚିତ ଜାତି/ଜନଜାତି ସ୍ୱୟଂ ସହାୟକ ଗୋଷ୍ଠି ବର୍ଗର ସଦସ୍ୟା ମାନଙ୍କୁ ଅଗ୍ରାଧିକାର ଦିଆଯିବ ।

୦୯) ଗରିବ/ ଭୂମିହୀନ ପରିବାରର ଆବେଦନକାରୀ ମାନଙ୍କୁ ଅଗ୍ରାଧିକାର ଦିଆଯିବ ।

୧୦) ଆବେଦନକାରୀ ନିଜ ଗ୍ରାମପଞ୍ଚାୟତରୁ ଅନ୍ୟ ଗ୍ରାମପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟକୁ ଯାତାୟତ କରି ସାମାଜିକ ସମୀକ୍ଷା କରିବାର ଇଚ୍ଛା ପ୍ରକାଶ କରୁଥିବେ ।

**ନିଯୁକ୍ତି ସର୍ତ୍ତାବଳୀ:**

୧) ଏହି ପଦବୀଟି ସମ୍ପୂର୍ଣ୍ଣ ଭାବରେ ଅସ୍ଥାୟୀ ଅଟେ, ଆବେଦନକାରୀ ନିଜକୁ ସରକାରୀ କର୍ମଚାରୀ ଭାବେ ପରିଗଣିତ କରିବେ ନାହିଁ ଏବଂ ଭବିଷ୍ୟତରେ ସ୍ଥାୟୀ ନିଯୁକ୍ତି ପାଇଁ ଦାବି କରିପାରିବେ ନାହିଁ ।

୨) ଚୟନ କମିଟିର ନିଷ୍ପତି ନିର୍ଣ୍ଣାୟକ ହେବ ।

୩) ଗ୍ରାମ୍ୟ ସମ୍ବଳ ବ୍ୟକ୍ତି (VRP) ଚୟନ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟଦକ୍ଷତା ଆଧାରିତ ହେବ । ମନୋନୀତ ଗ୍ରାମ୍ୟ ସମ୍ବଳ ବ୍ୟକ୍ତି (VRP)ଙ୍କୁ ଭବିଷ୍ୟତରେ କେବଳ ସନ୍ତୋଷଜନକ କାର୍ଯ୍ୟଦକ୍ଷତା ଆଧାରରେ ହିଁ ଏହି କମ୍ୟୁନିଟି କ୍ୟାଡ଼ର ପଦବୀ ଚାରି ରଖାଯିବ ।

୪) ସେମାନେ ନିରପେକ୍ଷତାର ସହ ସମାଜିକ ସମୀକ୍ଷା ପ୍ରକ୍ରିୟାକୁ ସମ୍ପାଦନ କରିବେ ।

୫) ମନୋନୀତ ଗ୍ରାମ୍ୟ ସମ୍ବଳ ବ୍ୟକ୍ତି (VRP) କାର୍ଯ୍ୟ ଦିବସ ଅନୁସାରେ ପାରିଶ୍ରମିକ ବାବଦକୁ ଦୈନିକ ଟ.୪୦୦.୦୦ଙ୍କା ଏବଂ ଯାତାୟତ ଖର୍ଚ୍ଚ ବାବଦକୁ ଦୈନିକ ଟ.୧୦୦.୦୦ଙ୍କା ପାଇବେ ।

୩୦/୦୪/୨୦୨୬

**ଚୟନ ପ୍ରକ୍ରିୟା:**

ଯୋଗ୍ୟତା ମାନଦଣ୍ଡକୁ ଆଧାର କରି ଏହି କାର୍ଯ୍ୟାଳୟରେ ହସ୍ତଗତ ହୋଇଥିବା ଫର୍ମ ଗୁଡ଼ିକର ପ୍ରାରମ୍ଭିକ ଯାଞ୍ଚ କରାଯାଇ ସର୍ବ ପ୍ରଥମେ ଯୋଗ୍ୟ ଏବଂ ଅଯୋଗ୍ୟ ଆବେଦନକାରୀଙ୍କ ତାଲିକା ପ୍ରକାଶ କରାଯିବ ଏବଂ ଯୋଗ୍ୟ ଆବେଦନକାରୀ ମାନଙ୍କର ମୂଳ ପ୍ରମାଣ ପତ୍ର (Original certificate) ଯାଞ୍ଚ କରାଯିବ । ଏହି ପ୍ରକ୍ରିୟାରେ ମୂଳ ପ୍ରମାଣ ପତ୍ର (Original certificate) ଉପସ୍ଥାପନ କରିପାରିନଥିବା ଆବେଦନକାରୀଙ୍କ ଆବେଦନ ନାକଚ କରାଯିବ । ମୂଳ ପ୍ରମାଣପତ୍ର (original certificate) ଯାଞ୍ଚ ପରେ ଯୋଗ୍ୟ ଆବେଦନକାରୀ ମାନଙ୍କୁ ଲିଖିତ ପରୀକ୍ଷା (MCQ Type) ଓ ବ୍ୟକ୍ତିଗତ ସାକ୍ଷାତକାର (interview) ରେ ଭାଗନେବାକୁ ଅନୁମତି ଦିଆଯିବ । ଲିଖିତ ପରୀକ୍ଷା ଓ ବ୍ୟକ୍ତିଗତ ସାକ୍ଷାତକାର ସବିଶେଷ ତାରିଖ, ସମୟ ଓ ସ୍ଥାନ ଆଗାମୀ ଦିନରେ ନୋଟିସ ମାଧ୍ୟମରେ ଜଣାଇ ଦିଆଯିବ । ଲିଖିତ ପରୀକ୍ଷା ଓ ବ୍ୟକ୍ତିଗତ ସାକ୍ଷାତକାରର ମୂଲ୍ୟାଙ୍କନ ସହ ଯୋଗ୍ୟତା ମାନଦଣ୍ଡରେ ଉଲ୍ଲେଖିତ ଅଗ୍ରାଧିକାର ବର୍ଗକୁ ବିଚାରକରି ଚୂଡାନ୍ତ ଚୟନ ତାଲିକା ପ୍ରସ୍ତୁତ କରାଯିବ ।

ଲିଖିତ ପରୀକ୍ଷା (MCQ Type), ସମସ୍ତ ଶିକ୍ଷାଗତ ମୂଲ୍ୟାଙ୍କନ ଓ ବ୍ୟକ୍ତିଗତ ସାକ୍ଷାତକାର (Interview) ପାଇଁ ପାଠ୍ୟ ସୂଚୀ:

ଆବେଦନକାରୀ ମାନଙ୍କୁ ବିଭିନ୍ନ ଯୋଜନା, ଯଥା- ସାମାଜିକ ସମୀକ୍ଷା, ମହାତ୍ମାଗାନ୍ଧୀ ନରେଗା, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ, ମମତା ଯୋଜନା, ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ, ପଞ୍ଚଦଶ ଅର୍ଥ ଅନୁଦାନ ଏବଂ ସମଗ୍ର ଶିକ୍ଷା ଆଦି ଯୋଜନା ବିଷୟରେ ପ୍ରଶ୍ନ ପଚରାଯିବ ।

**ଆବେଦନ ପତ୍ରର ଫର୍ମାଟ**

ଗ୍ରାମ୍ୟ ସମ୍ବଳ ବ୍ୟକ୍ତି (VRP) ଚୟନ ପାଇଁ ଆବେନଦକାରୀ ନିର୍ଦ୍ଧିଷ୍ଟ ଫର୍ମାଟ (ପରିଶିଷ୍ଟ-କ)ରେ ଆବେଦନ କରିବେ ।

**ଆବେଦନ ପତ୍ର ସହ ଆବଶ୍ୟକ ପ୍ରମାଣ ପତ୍ର ।**

ନିମ୍ନ ଆବଶ୍ୟକୀୟ ପ୍ରମାଣପତ୍ର ଗୁଡ଼ିକର ଗୋଟିଏ ଲେଖାଏ ନକଲ ଆବେଦନ ଫର୍ମ ସହ ସଂଲଗ୍ନ କରିବେ ଏବଂ ଯାଞ୍ଚ ସମୟରେ ମୂଳ ପ୍ରମାଣ ପତ୍ର (original certificate) କମିଟି ସମ୍ମୁଖରେ ଉପସ୍ଥାପନ କରିବେ ।

୧) ପରିଚୟ ପ୍ରମାଣ: ଭୋଟର ପରିଚୟପତ୍ର/ଆଧାରକାର୍ଡ/ପ୍ୟାନ୍‌କାର୍ଡ/ଡ୍ରାଇଭିଂ ଲାଇସେନ୍ସ ମଧ୍ୟରୁ ଯେକୌଣସି ଗୋଟିଏ

୨) ଜନ୍ମପ୍ରମାଣ: ଜନ୍ମ ପ୍ରମାଣ ପତ୍ର/ ୧୦ମ ଶ୍ରେଣୀ ପାସ୍ ପ୍ରମାଣ ପତ୍ର/ ପ୍ୟାନ୍‌କାର୍ଡ / ଡ୍ରାଇଭିଂ ଲାଇସେନ୍ସ / ଭୋଟର ପରିଚୟ ପତ୍ର

୩) ଆବାସିକ ପ୍ରମାଣ: ଆବାସିକ ପ୍ରମାଣପତ୍ର

୪) ଶିକ୍ଷାଗତ ପ୍ରମାଣ: ୮ମ ଓ ତଦୁର୍ଦ୍ଧ୍ୱ ସମସ୍ତ ଶ୍ରେଣୀର ପାସ୍ ପ୍ରମାଣ ପତ୍ର ଓ ମାର୍କସିଟ

୫) ଓଡ଼ିଆ ଭାଷା ଜ୍ଞାନ: ଓଡ଼ିଆ ପାସ ସାର୍ଟିଫିକେଟ ବା ଅଷ୍ଟମ ଶ୍ରେଣୀ ବା ତଦ୍‌ଉର୍ଦ୍ଧ୍ୱ ଶ୍ରେଣୀର ପାସ୍ ସାର୍ଟିଫିକେଟ ଯେଉଁଥିରେ ଓଡିଆ ବିଷୟରେ ଆବେଦନ କାରୀ ପାସ୍ କରିଥିବେ ।

୬) ଆବେଦନକାରୀ ସଦସ୍ୟ ଥିବା BLF/GPLF/CLF/SHG ଠାରୁ ସ୍ୱୟଂ ସହାୟକ ଗୋଷ୍ଠିରେ ସଦସ୍ୟା ଥିବା, ସଦସ୍ୟତାର ଅବଧି ଓ ସେଥିରେ ଅଫିସ ବିୟରର୍ ନଥିବାର ପ୍ରମାଣ ପତ୍ର

୭) ଜାତିଗତ ପ୍ରମାଣ: ଅନୁସୂଚିତ ଜାତି/ ଜନଜାତି ପ୍ରମାଣ ପତ୍ର (ଯଦି ଥାଏ)

୮) ଭିନ୍ନକ୍ଷମ ପ୍ରମାଣ: PWD ସାର୍ଟିଫିକେଟ/ UDID କାର୍ଡ (ଯଦି ଥାଏ)

୯) ସକ୍ରିୟ ଜବ କାର୍ଡ (ଯଦି ଥାଏ)

୧୦) ଆୟ ପ୍ରମାଣ ପତ୍ର (ଯଦି ଥାଏ)

ଆବେଦନ ପତ୍ର ପଠାଇବାର ଠିକଣା ଓ ମାଧ୍ୟମ ।

ଇଚ୍ଛୁକ ଆବେଦନକାରୀମାନେ ରେଜିଷ୍ଟ୍ରି ଓ ସ୍ପିଡ ପୋଷ୍ଟ ମାଧ୍ୟମରେ ନିମ୍ନ ଠିକଣାରେ ଆବେଦନ କରିପାରିବେ ।"Block Development Officer, At- MGNREGS CELL Panchayat Samiti, Puri Sadar, PO - Puri Sadar, Dist- Puri Sadar, PIN -752001 ଏବଂ ଲଫାପାର ଉପର ପାର୍ଶ୍ୱରେ "Application for Recruitment of VRP" ସ୍ପଷ୍ଟ ଭାବେ ଉଲ୍ଲେଖ କରିବେ । ଆବେଦନ ଶେଷ ତାରିଖ ଓ ସମୟ ପରେ ପହଞ୍ଚିଥିବା କୌଣସି ଆବେତଦନକୁ ଗ୍ରହଣ କରାଯିବ ନାହିଁ । ଡାକ ସେବା ବିଳମ୍ବ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଆବଶ୍ୟକସ୍ଥଳେ ଆବେଦନ ପ୍ରକ୍ରିୟା ବାତିଲ କରିବାର ଅଧିକାର କର୍ତ୍ତୃପକ୍ଷଙ୍କର ଅଛି ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୁରୀ ସଦର

ପରିପତ୍ର ସଂଖ୍ୟା - XXII/2/2026 / ୧୮୮୦ ତାରିଖ - ୩୦/୦୪/୨୦୨୬

ଏହାର ଏକକିତା ନକଲ ଜନ ସାଧାରଣ ଙ୍କ ଅବଗତି ନିମନ୍ତେ ପଞ୍ଚାୟତ ସମିତି, ପୁରୀ ସଦରର ବିଜ୍ଞାପନ ଫଳକ ରେ ପ୍ରକାଶନ ନିମନ୍ତେ ବିଭାଗୀୟ ଅଧିକାରୀ, ପଞ୍ଚାୟତ ସମିତି ପୁରୀ ସଦରଙ୍କୁ ପ୍ରେରଣ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୁରୀ ସଦର

ପରିପତ୍ର ସଂଖ୍ୟା -XXII/2/2026 /୧୮୮୧ ତାରିଖ - ୩୦/୦୪/୨୦୨୬

ଏହାର ଏକକିତା ନକଲ ସ୍ୱୟଂ ସହାୟକ ଗୋଷ୍ଠିର ସଦସ୍ୟା (SHG MEMBER) ମାନଙ୍କ ବ୍ୟାପକ ଅବଗତି ନିମନ୍ତେ ଗୋଷ୍ଠୀ ପ୍ରକଳ୍ପ ପରିଚାଳକ, ଓଡ଼ିଶା ଜୀବିକା ମିଶନ, ପୁରୀ ସଦର ଏବଂ ଶିଶୁବିକାଶ ପ୍ରକଳ୍ପ ଅଧିକାରିଣୀ, ପୁରୀ ସଦର ଙ୍କୁ ପ୍ରେରଣ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୁରୀ ସଦର

ପରିପତ୍ର ସଂଖ୍ୟା -XXII/2/2026 /୧୮୮୨ ତାରିଖ - ୩୦/୦୪/୨୦୨୬

ଏହାର ଏକକିତା ନକଲ ଗ୍ରା.ପ.ର ସରପଞ୍ଚ ତଥା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ଉକ୍ତ ବିଜ୍ଞାପନକୁ ବହୁଳ ଭାବରେ ପ୍ରଚାର ନିମନ୍ତେ ଅନୁରୋଧ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୁରୀ ସଦର

ପରିପତ୍ର ସଂଖ୍ୟା-XXII/2/2026 /୧୮୮୩ ତାରିଖ - ୩୦/୦୪/୨୦୨୬

ଏହି ନୋଟିସିଟିର ବହୁଳ ପ୍ରଚାର ପ୍ରସାର ନିମନ୍ତେ ପୁରୀ ଜିଲ୍ଲା ୱେବସାଇଟ୍‌ରେ Web-Hosting କରିବାକୁ DIO, NIC ପୁରୀ/DeGM ଙ୍କୁ ପ୍ରେରଣ କରାଗଲା

ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୁରୀ ସଦର

ପତ୍ର ସଂଖ୍ୟା -XXII/2/2026/୧୮୮୪ ତାରିଖ - ୩୦/୦୪/୨୦୨୬

ଏହାର ଏକକିତା ନକଲ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ପୁରୀଙ୍କୁ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୁରୀ ସଦର

ପରିପତ୍ର ସଂଖ୍ୟା -XXII/2/2026 /୧୮୮୫ ତାରିଖ - ୩୦/୦୪/୨୦୨୬

ଏହାର ଏକକିତା ନକଲ ମୁଖ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ପୁରୀ ତଥା ଜିଲ୍ଲାପାଳ, ପୁରୀଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୁରୀ ସଦର

ପରିପତ୍ର ସଂଖ୍ୟା -XXII/2/2026 /୧୮୮୬ ତାରିଖ - ୩୦/୦୪/୨୦୨୬

ଏହାର ଏକକିତା ନକଲ ନିର୍ଦ୍ଦେଶକ ଓସାଟ୍, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର ଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୁରୀ ସଦର

*************************

ପରିଶିଷ୍ଟ-କ

## ଗ୍ରାମ୍ୟ ସମ୍ବଳ ବ୍ୟକ୍ତି (VRP) ଚୟନ ପାଇଁ ଆବେଦନ ପତ୍ର

ଆବେଦନକାରୀଙ୍କ ଫଟୋ

ଆବେଦନକାରୀଙ୍କ ନାମ : ______________________ ପିତା / ସ୍ୱାମୀଙ୍କ ନାମ : ____________________

ଜନ୍ମ ତାରିଖ : ________________ ବୟସ: ______________ ୩୦.୦୪.୨୦୨୬ ସୁଧା ହୋଇଥିବା ବର୍ଷ

ସାମାଜିକ ବର୍ଗ: ଅନୁସୂଚି ଜାତି / ଅନୁସୂଚିତ ଜନଜାତି / ଅନ୍ୟାନ୍ୟ ପଛୁଆବର୍ଗ ଭିନ୍ନକ୍ଷମ: ହଁ /ନା

ଠିକଣା :

ଗ୍ରାମ : ________________ ପୋଷ୍ଟ ଅଫିସ୍ : ______________________ ଥାନା: ____________

ଗ୍ରା.ପ : ________________ ବ୍ଲକ :.............., ଜିଲ୍ଲା :............. ପିନ କୋଡ ____________ଓଡିଶା

| ମୋବାଇଲ ନଂ : | | | | | | | | | | |
|---|---|---|---|---|---|---|---|---|---|---|

ଇ ମେଲ :

ସ୍ୱୟଂ ସହାୟକ ଗୋଷ୍ଠି ( )ର ନାମ:

ଏକ ଏଚଜିରେ ଯୋଗଦାନ ତାରିଖ : ଏସଏଚଜି ରେ ଅଭିଜ୍ଞତା: ବର୍ଷରେ

ଜାଣିଥିବା ଭାଷା:

| | | | |
|---|---|---|---|
| ଓଡ଼ିଆ: | କହିପାରନ୍ତି | ଲେଖିପାରନ୍ତି | ଲେଖିପାରନ୍ତି |
| ଇଂରାଜୀ: | କହିପାରନ୍ତି | ଲେଖିପାରନ୍ତି | ଲେଖିପାରନ୍ତି |
| ହିନ୍ଦୀ: | କହିପାରନ୍ତି | ଲେଖିପାରନ୍ତି | ଲେଖିପାରନ୍ତି |

ଶିକ୍ଷାଗତ ଯୋଗ୍ୟତା :

| କ୍ର. ସଂ | ଶିକ୍ଷାଗତ ଯୋଗ୍ୟତା | ବୋର୍ଡ / ବିଶ୍ୱ ବିଦ୍ୟାଳୟ | ଉତ୍ତୀର୍ଣ୍ଣ ବର୍ଷ | ମୋଟ ମାର୍କ | ରଖିଥିବା ମାର୍କ | ଶତକଡା % |
|---|---|---|---|---|---|---|
| ୧ | ଅଷ୍ଟମ/ନବମ | | | | | |
| ୨ | ଦଶମ | | | | | |
| ୩ | ଦ୍ୱାଦଶ | | | | | |
| ୪ | ଅନ୍ୟାନ୍ୟ | | | | | |

ମୁଁ ଘୋଷଣା କରୁଛି ଯେ, ଉପରୋକ୍ତ ସମସ୍ତ ତଥ୍ୟ ସଠିକ୍ ଅଟେ । ଚୟନ ପ୍ରକ୍ରିୟାରେ ଯେକୌଣସି ସ୍ତରରେ ଯଦି ଏହା ମିଥ୍ୟା ସାବ୍ୟସ୍ତ ହୁଏ, ତେବେ ମୋର ଆବେଦନ ପତ୍ରଟିକୁ ନାକଚ କରାଯିବ ।

ଆବେଦନକାରୀଙ୍କ ସ୍ୱାକ୍ଷର

ଆବେଦନ ଫର୍ମ ସହ ନିମ୍ନ ପ୍ରମାଣ ପତ୍ର ସଂଲଗ୍ନ କରିବେ

୧) ପରିଚୟ ପ୍ରମାଣ: ଭୋଟର କାର୍ଡ / ଆଧାର କାର୍ଡ/ ପାନ କାର୍ଡ/ ଡ୍ରାଇଭିଂ ଲାଇସେନ୍ସ ମଧ୍ୟରୁ ଯେକୌଣସି ଗୋଟିଏ

୨) ଜନ୍ମ ପ୍ରମାଣ: ଜନ୍ମ ପ୍ରମାଣ ପତ୍ର/ ୧୦ମ ପ୍ରମାଣ ପତ୍ର / ପାନ କାର୍ଡ/ ଡ୍ରାଇଭିଂ ଲାଇସେନ୍ସ/ ଭୋଟର କାର୍ଡ/ ଆଧାର କାର୍ଡ

୩) ଆବାସିକ ପ୍ରମାଣ: ଆବାସିକ ପ୍ରମାଣ ପତ୍ର

୪) ଶିକ୍ଷାଗତ ପ୍ରମାଣ: ୮ମ ପାସ ଓ ତଦୁର୍ଦ୍ଧ୍ୱ ସମସ୍ତ ଶ୍ରେଣୀର ପ୍ରମାଣ ପତ୍ର ଓ ମାର୍କସିଟ

୫) ଓଡ଼ିଆ ଭାଷା ଜ୍ଞାନ: ଓଡିଆ ପାସ ସାର୍ଟିଫିକେଟ/ ଦଶମ କିମ୍ୱା ଦ୍ୱାଦଶ ଶ୍ରେଣୀ ସାର୍ଟିଫିକେଟ

୬) ଆବେଦନକାରୀ ସଦଶ୍ୟ ଥିବା **BLF/GPLF/CLF/SHG** ଠାରୁ ସ୍ୱୟଂ ସହାୟକ ଗୋଷ୍ଠିରେ ସଦସ୍ୟା ଥିବା ସଦଶ୍ୟତାର ଅବଧି ଓ ସେଥିରେ ଅଫିସ ବିୟରର୍ ନଥିବାର ପ୍ରମାଣ ପତ୍ର

୭) ଜାତିଗତ ପ୍ରମାଣ: ଅନୁସୂଚିତ ଜାତି/ ଜନଜାତି ପ୍ରମାଣ ପତ୍ର (ଯଦି ଥାଏ)

୮) ଭିନ୍ନକ୍ଷମ ପ୍ରମାଣ: PWD ସାର୍ଟିଫିକେଟ/ UDID କାର୍ଡ (ଯଦି ଥାଏ)

୯) ସକ୍ରିୟ ଜବ କାର୍ଡ (ଯଦି ଥାଏ)

୧୦) ଆୟ ପ୍ରମାଣ ପତ୍ର (ଯଦି ଥାଏ)

**ପରିଶିଷ୍ଟ-ଖ**

# ଅଭିଜ୍ଞତା ପ୍ରମାଣ ପତ୍ର

**ସଂଖ୍ୟା..................../ତାରିଖ....................**

**ଏତଦ୍ୱାରା ପ୍ରମାଣିତ କରାଯାଉଅଛି କି ଶ୍ରୀମତୀ/ସୁଶ୍ରୀ ______________________ ପିତା/ସ୍ୱାମୀ ______________________, ଗ୍ରାମ ______________, ଗ୍ରା.ପ. ____________, ବ୍ଲକ __________, ଜିଲ୍ଲା ___________, ଏସଏଚଜି ନାମ ______________________ ଏସଏଚଜି ବର୍ଗ - ________________ (ସାଧାରଣ/ଅନୁସୂଚିତ ଜାତି/ ଅନୁସୂଚି ଜନଜାତି/ଭିନ୍ନକ୍ଷମ)ରେ ତା ________ ରିଖ ଠାରୁ ଅଦ୍ୟାବଧିତା __________ ରିଖ ପର୍ଯ୍ୟନ୍ତ ଦୀର୍ଘ ________ ବର୍ଷ ଧରି ସକ୍ରିୟ ସଦସ୍ୟା ଭାବେ କାର୍ଯ୍ୟରତ ଅଛନ୍ତି/ ଥିଲେ ଏବଂବର୍ତ୍ତମାନ ସେ ଉକ୍ତ ଏସଏଚଜିରେ ଅଫିସ ବିୟରର୍ ନାହାନ୍ତି ।**

**ସମ୍ପାଦିକାଙ୍କ ସ୍ୱକ୍ଷର ଓ ସିଲ**

____________BLF/GPLF/CLF/SHG

**ସଭାନେତ୍ରୀଙ୍କ ସ୍ୱାକ୍ଷର ଓ ସିଲ୍**

__________BLF/GPLF/CLF/SHG

BLF/GPLF/CLF/SHG ସିଲ୍